## ଜାତୀୟ କବି ୰ବାଞ୍ଛାନିଧି ମହାନ୍ତି

**ପୃଷ୍ଠଭୂମି :**

ଭାରତବର୍ଷ ପୂର୍ବ ଉପକୂଳ ଓଡ଼ିଶା ପ୍ରଦେଶରେ ଭଦ୍ରକ ଜିଲ୍ଲାର ବଙ୍ଗୋପ ସାଗର କୂଳବର୍ତ୍ତୀ ବାସୁଦେବପୁର ଥାନା ଅନ୍ତର୍ଗତ ଏକ ଅଖ୍ୟାତ ପଲ୍ଲୀ ଗ୍ରାମ 'ଇରମ'। ଏକ ପାର୍ଶ୍ୱରେ ଦିଗନ୍ତ ବିସ୍ତାରୀ ସୁନୀଳ ବଙ୍ଗୋପ ସାଗର, ଅନ୍ୟ ଦିଗରେ କୁଆର ପୁଷ୍ଟ ଗମେଇ ନଦୀ ଓ କାଂଶବାଂଶ ନଦୀର ସୁନୀଳ ଜଳଧାରା। ଇରମ ଓ ସଂଲଗ୍ନ ଗ୍ରାମ ଗୁଡ଼ିକ ଥିଲା ଏହି, ନଦୀ ଓ ସାଗର ଘେରା ଏକ ଚକଲା। ବିଶେଷତଃ 'ଇରମ' ଗ୍ରାମ ଥିଲା ବହୁ ଐଶ୍ୱର୍ଯ୍ୟର ଅଧିକାରୀ ।

ଦେଶର ଘୋର ଦୁର୍ଦ୍ଦଶାରେ ନୂତନ ଚେତନା ଓ ଜନଜାଗରଣ ଯେତେବେଳେ ଜନମାନସକୁ ଧୀରେ ଧୀରେ ଉଦ୍ଭାସିତ କରୁଥାଏ ସେହି ସମୟରେ ଜନ୍ମଲାଭ କରିବା ଓ ପରେ ସେଇ ଚେତନା ଓ ଜାଗରଣରୁ ସୁଯୋଗ୍ୟ ଦାୟାଦ ହେବାର ବିରଳ ସୌଭାଗ୍ୟର ଅଧିକାରୀ ହୋଇଥିଲେ ବାଞ୍ଛାନିଧି ମହାନ୍ତି।

**ଜନ୍ମ :**

ଖ୍ରୀ୧୮୯୭ ମସିହା ଏପ୍ରିଲ୍ ମାସ ୨୦ ତାରିଖରେ ଉପରୋକ୍ତ 'ଇରମ' ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ବାଞ୍ଛାନିଧି ମହାନ୍ତି। ପିତା ଚିନ୍ତାମଣୀ ମହାନ୍ତି ଓ ମାତା ପବିତ୍ରାଦେବୀ। ପିତା ଚିନ୍ତାମଣୀ ମହାନ୍ତି ନିମ୍ନ ମଧ୍ୟବିତ୍ତ ପରିବାରଭୁକ୍ତ ବ୍ୟକ୍ତି ଥାଇ ଇରମରେ ଜମିଦାର ନୀଳମାଧବ ପାଢ଼ୀଙ୍କ ଜମିଦାରି ସିରସ୍ତାରେ ଜନୈକ ସ୍ୱଳ୍ପ ବେତନଭୋଗି ଗୁମାସ୍ତା । ଚାକିରୀରେ ମୁକରିର ଥିଲେ ସୁଦ୍ଧା ସ୍ୱଳ୍ପ ଆୟରେ ପରିବାର ଭରଣ ପୋଷଣ କରିବା କଷ୍ଟସାଧ୍ୟ ହେଉଥିଲା । ଜମିଦାର ସିରସ୍ତାରେ ମୁକରିର ଥାଇସୁଦ୍ଧା, ଚିନ୍ତାମଣୀ ସ୍ୱାଧୀନଚେତା ନ୍ୟାୟବନ୍ତ ବ୍ୟକ୍ତି ଥିବାରୁ ଜମିଦାରଙ୍କ ପ୍ରଜାପୀଡନ କାର୍ଯ୍ୟମାନଙ୍କୁ ସ୍ୱୀକାର ନ କରିବା ହେତୁ ଜମିଦାରଙ୍କର ପ୍ରିୟପାତ୍ର ହେବା ତ ଦୂରର କଥା ସଦାସର୍ବଦା ଜମିଦାର ଓ ଚିନ୍ତାମଣୀଙ୍କର ମାନ ମନାନ୍ତର କ୍ରମାଗତ ବୃଦ୍ଧିପାଇବାରୁ ଚିନ୍ତାମଣୀଙ୍କୁ ଗୁମାସ୍ତା ଚାକିରୀ ଛାଡ଼ି ଭଦ୍ରକରେ କୋର୍ଟ କଚେରୀରେ ମୋହରୀର କାର୍ଯ୍ୟ କରିବାକୁ ପଡିଥିଲା । କବି ବାଞ୍ଛାନିଧିଙ୍କର ପିତା ଚିନ୍ତାମଣୀଙ୍କ ପ୍ରତି ଜମିଦାରଙ୍କର ଆକ୍ରୋଶ, ରୁକ୍ଷ ବ୍ୟବହାର ଓ ଚିନ୍ତାମଣୀଙ୍କର ସ୍ୱାଧିନଚେତା ଭାବ ଓ ଅନ୍ୟାୟର ପ୍ରତିବାଦ ଇତ୍ୟାଦି ବାଞ୍ଛାନିଧିଙ୍କର ବାଲ୍ୟଜୀବନରେ ବେଶ ପ୍ରଭାବ ପକାଇଥିଲା ।

**ବାଲ୍ୟଶିକ୍ଷା :**

ବାଞ୍ଛାନିଧିଙ୍କର ବାଲ୍ୟବସ୍ଥାରେ ମାତୃ ବିୟୋଗ ଘଟିଥିଲା । ଇରମ ଗ୍ରାମରେ ଗ୍ରାମ୍ୟ ଚାଟଶାଳୀରେ ପାଠପଢ଼ା ଆରମ୍ଭ କ୍ରମରେ ଓଡ଼ାଙ୍କ ଫେଡାଙ୍କ ଇତ୍ୟାଦି ତଦାନିନ୍ତନ ପାଠ୍ୟକ୍ରମାନୁସାରେ ନିମ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅଧ୍ୟୟନ କରି ୧୫ ବର୍ଷ ବୟସରେ ଖ୍ରୀ ୧୯୧୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ଅଧିନରେ ମାଟ୍ରିକ ପରୀକ୍ଷା କୃତିତ୍ୱ ସହ ପାଶ କଲେ ।

**ଉଚ୍ଚଶିକ୍ଷା :**

କବି ବାଞ୍ଛାନିଧି ମାଟ୍ରିକ ପରେ ତତ୍କାଳୀନ ଏନଟ୍ରାନସ୍ ପରୀକ୍ଷା ପାଶ କଲାପରେ ଉଚ୍ଚଶିକ୍ଷା ପାଇଁ ବିଶେଷ ଆଗ୍ରାହାନ୍ୱିତ ହୋଇଥିଲେ ସୁଦ୍ଧା ପିତାଙ୍କର ଆର୍ଥିକ ଦୁରବସ୍ଥା ଜନିତ ଯଥା ସମୟରେ ତାଙ୍କୁ ଉଚ୍ଚଶିକ୍ଷା ଲାଭ ନିମନ୍ତେ ସୁବିଧା ଓ ସୁଯୋଗ ମିଳିନଥିଲା । ଫଳରେ ବାଧହୋଇ କିଛି ସମୟ ପାଇଁ ଭଦ୍ରକ ହାଇସ୍କୁଲରେ ଶିକ୍ଷକତା କରିବାକୁ ପଡିଥିଲା । ତାଙ୍କର ଉକ୍ତ ସ୍କୁଲରେ ଶିକ୍ଷକତା ସମୟରେ ହରେକୃଷ୍ଣ ମହତାବ ଜନୈକ ଛାତ୍ର ଥିଲେ । ପରବର୍ତ୍ତୀ କାଳରେ କବି ବାଞ୍ଛାନିଧି କଟକ ରେଭେନସା କଲେଜରେ ଆଇ. ଏ. (ତଦାନିନ୍ତନ ଏଫ. ଏ.) ଅଧ୍ୟୟନ କଲେ ଓ ରେଭେନସା କଲେଜ ହଷ୍ଟେଲରେ ରହି ନିଜର ସହପାଠୀ କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ସହିତ ସଂଗୀତ ରଚନା ଆଲୋଚନା ଓ ଚର୍ଚ୍ଚା ସହିତ ସାଧାରଣ ଅଧ୍ୟୟନ ଅବ୍ୟାହତ ରଖିଥିଲେ । କବି ଖ୍ରୀ ୧୯୧୫ ମସିହାରେ ପ୍ରଥମ ଶ୍ରେଣୀରେ ଆଇ.ଏ. ପାଶ କରିଥିଲେ । ତଦପରେ ରେଭେନସା କଲେଜରେ ବି.ଏ. ଅଧ୍ୟୟନ କରିବା ସମୟରେ କାନ୍ତକବି ଲକ୍ଷ୍ମୀକାନ୍ତ, ଗୋବିନ୍ଦ ସୁରଦେଓଙ୍କ ସହିତ କବି ବାଞ୍ଛାନିଧିଙ୍କର ବେଶ ଆତ୍ମୀୟତା ଜନ୍ମିଥିଲା। ସେହି ସମୟରୁ ହିଁ ବାଞ୍ଛାନିଧି ଜଣେ ସୁସଙ୍ଗୀତଜ୍ଞ, ବକ୍ତା ଓ ଜନସେବୀ ରୂପେ ପରିଗଣିତ ହୋଇପାରିଥିଲେ ।

**ବିବାହ ବନ୍ଧନ :**

କବି ବାଞ୍ଛାନିଧିଙ୍କର ବି.ଏ. ପାଶ ପରେ ତାଙ୍କର ସରକାରୀ ଚାକିରୀ ପ୍ରତି ବିତୃଷ୍ଣା ଭାବ ଦେଖି ତାଙ୍କର ପିତା ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଥିଲେ । ମାତ୍ର ବାଞ୍ଛାନିଧି ଶିଘ୍ର ସାଂସାରିକ ବନ୍ଧନରେ ଛନ୍ଦି ହେବାକୁ ପ୍ରସ୍ତୁତ ନଥିଲେ ସୁଦ୍ଧା ପିତାଙ୍କର ଇଚ୍ଛା ବିରୁଦ୍ଧରେ ଅଗ୍ରସର ହେବାକୁ ଚାହିଁନଥିଲେ । ତେଣୁ ସେ ଖ୍ରୀ୧୯୧୮ ମସିହା ପ୍ରାରମ୍ଭରେ ବାଲେଶ୍ୱର ଜିଲ୍ଲାର ସୋର ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମରେ ତତ୍କାଳୀନ ସମ୍ଭ୍ରାନ୍ତବଂଶୀୟ ଦୟାଳୁ ଓ ପରୋପକାରୀ ଜମିଦାର ଶ୍ରୀ ରାଧାନାଥ ଦାସ ପଟ୍ଟନାୟକଙ୍କ କନ୍ୟା ହେମଲତାଙ୍କର ପାଣିଗ୍ରହଣ କରିଥିଲେ। ମାତ୍ର ବାଞ୍ଛାନିଧି ଯୌତୁକ ବିରୋଧୀ ଥିବାରୁ ବିବାହ ଜନିତ କୌଣସି ଯୌତୁକ ଗ୍ରହଣ କରିନଥିଲେ।

**ଦେଶ ପ୍ରେମ ଓ ସଂଗ୍ରାମୀ ଜୀବନର ଆରମ୍ଭ :**

କବି ବାଞ୍ଛାନିଧି ରେଭେନସା କଲେଜରେ ଅଧ୍ୟୟନ ସମୟରୁ ହିଁ ବିବେକାନନ୍ଦଙ୍କ ବାଣୀ ବକ୍ତୃତା ଆଦର୍ଶ ପ୍ରତି ଅନୁପ୍ରାଣିତ ହୋଇଥିଲେ। ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କର ସାନ୍ନିଧ୍ୟ ଲାଭ ଓ ଆଦର୍ଶ ଚରିତ୍ର, ସ୍ୱଭାବ, ଦେଶପ୍ରେମ, ଜାତୀୟତା, ବାଞ୍ଛାନିଧିଙ୍କୁ ଜାତୀୟ ସ୍ରୋତରେ ସାମିଲ ନିମନ୍ତେ ବହୁଳ ଭାବେ ଉପାଦାନ ଯୋଗାଇଥିଲା। ଏଥି ସହିତ ଦେଶାତ୍ମବୋଦ ସଂଗୀତ, ଚର୍ଚ୍ଚା, ରଚନା କ୍ରମରେ ଜାତୀୟ ଜୀବନଧାରାକୁ ସର୍ବସାଧାରଣ ପ୍ରଚାର ଓ ପ୍ରସାର ନିମନ୍ତେ ନିଜକୁ ଉତ୍ସର୍ଗ କରିଥିଲେ। ମହାତ୍ମାଗାନ୍ଧୀଙ୍କର ବ୍ରିଟିଶ ରାଜ ବିରୁଦ୍ଧରେ ଆହ୍ୱାନ, ସ୍ୱାମୀ ବିବେକାନନ୍ଦଙ୍କର ଜାତୀୟତା ଜାଗରଣ ଉଦ୍ଦୀରଣ ଉଚ୍ଛ୍ୱାସ, ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶ ଓ ତ୍ୟାଗ ବାଞ୍ଛାନିଧିଙ୍କୁ ଜାତୀୟ ସ୍ରୋତରେ ସାମିଲ ନିମନ୍ତେ ପ୍ରେରଣା ଯୋଗାଇଥିଲା।

**ସଂଗ୍ରାମୀ ଜୀବନ :**

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ନିଜକୁ ନିୟୋଜିତ କରି ବାଞ୍ଛାନିଧି ବିଭିନ୍ନ ସଂଗଠନ ସମ୍ମିଳନୀ, ପଦଯାତ୍ରାରେ ନିଜକୁ ସାମିଲ କରି ନିଜର ଅପୂର୍ବ ସଂଗୀତ ମୂର୍ଚ୍ଛନାରେ ଜନମାନସରେ ଜାତୀୟ ଭାବଧାରା ସର୍ବତ୍ର ଖେଳାଇ ଦେଇପାରିଥିଲେ। ଖ୍ରୀ୧୯୨୧ ମସିହା ଜୁନ ମାସରେ ପଣ୍ଡିତ ଗୋପବନ୍ଧୁ, କବିଙ୍କର ନିଜ ଗ୍ରାମ ଇରମକୁ ଆସି ସଭା ସମିତି ଜରିଆରେ ଭୁମିକା ତାଙ୍କର ସଂଗଠନ ଦକ୍ଷତା, ଜାତୀୟ ସଂଗୀତର ମୂର୍ଚ୍ଛନାରେ ବିହ୍ୱଳିତ ହୋଇ ପଣ୍ଡିତ ଗୋପବନ୍ଧୁ ନିଜେ ତାଙ୍କର କବିତାରେ ପ୍ରକାଶ କରିଥିଲେ।

"ଦେଶ ଜାତି ପ୍ରୀତି ସରସ୍ୱତୀ ନଦୀ
ବହୁଛି ଇରମେ ଶତମାର୍ଗ ଭେଦୀ
ଏ ଅନ୍ତଃ ସଲିଳା ଏ ସାରା ଭାରତେ
ଜାତୀୟତା ଧାରା ବହିବ ନିରତେ।
ଦେଶାତ୍ମବୋଧର ଚାରୁ ଗନ୍ତାଘର
ଇରମ ସୁରମ୍ୟ ଜାତୀୟ ନଗର"

ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାର ହେବା ସହିତ ବାଞ୍ଛାନିଧିଙ୍କ ନେତୃତ୍ୱରେ ନିଶା ନିବାରଣ ନିରକ୍ଷରତା ଦୂରୀକରଣ, ଅସ୍ପୃଶ୍ୟତା ବର୍ଜନ, ବିଦେଶୀ ଦ୍ରବ୍ୟ ବର୍ଜନ ଇତ୍ୟାଦି ରଚନାତ୍ମକ କାର୍ଯ୍ୟକ୍ରମମାନ ଆରମ୍ଭ କରିବା ସହିତ ଉକ୍ତ ବାର୍ତ୍ତାମାନ ସର୍ବସାଧାରଣରେ ପ୍ରଚାର ଓ ପ୍ରସାର ନିମନ୍ତେ ବାଞ୍ଛାନିଧି ନିଜ ରଚିତ ସଂଗୀତ ମାଧ୍ୟମରେ ଜନ ଜାଗରଣ କରାଇଥିଲେ। ତାଙ୍କର କେତେକ ଜାତୀୟଭାବ ଉଦ୍ରେକ ସଂଗୀତ ତତ୍କାଳିନ ଆଲୋଡନ ସୃଷ୍ଟି କରୁଥିଲା। ଗାଅ ସ୍ୱାଧିନ ଭାରତ ସ୍ୱାଧିନ ଭାରତ,

ସ୍ୱାଧିନ ସ୍ୱାଧିନ ସ୍ୱାଧିନରେ' କିମ୍ବା "ଛୁଇଁଦେଲେ ଛୁଅଁତା ହେଲି ଗଲା ମୋ ଜାତି / କେତେ ପାପ ନ କରୁଛି ନିତି ପାହିଲେ ରାତି" କିମ୍ବା 'ତେଜ ତେଜ ଭାଇ ବିଦେଶୀ ବସନରେ' ଓ

"କାହୁଁ ଅଇଲେ ବିଦେଶରୁ ବେପାରୀ
ସବୁ ସାଇଲେ ହେଲୁ ଆମେ ଭିକାରୀ"

ଇତ୍ୟାଦି ସଂଗୀତ ମାନ ଉତ୍କଳର ଘରେ ଘରେ ଆଦୃତ ହୋଇଥିଲା ଓ ସାଧାରଣ ସମସ୍ତେ ଅନୁ ପ୍ରମାଣିତ ହୋଇଥିଲେ।

କବି ବାଞ୍ଛାନିଧିଙ୍କର ନିଜର ଉତ୍କଳ ଭୂମି ପ୍ରତି ଯେତିକି ସମ୍ମାନ ଓ ଭକ୍ତି ଭାରତ ମାତାକୁ ଭକ୍ତିରେ ମଧ୍ୟ ନିଜର ସଂଗୀତ ମାଧ୍ୟମରେ ସମ୍ମାନ ଦେଇ ପରମ ଉଦାରତାରେ ଉତ୍କଳ ତଥା ଭାରତର ସମୁନ୍ନତି ଏକତାଳରେ କାମନା କରୁଥିଲେ। ଭାରତ ବର୍ଷ ନିଜର ମାତା ସଦୃଶ କବି ଗାଇଥିଲେ :-

"ସୁନ୍ଦର ମା' ମୋର ଭାରତ ଜନନୀ ଗୋ
ତୋ ପରି ମୋର ନାହିଁ ଏ ଅବନୀ ଗୋ
'ଜୟ ଜୟ ଭାରତ ଜନନୀ
ବନ୍ଦଇ ତୋ ପାଦ କମଳେ" ***
(ବାଞ୍ଛାନିଧି ପଦ୍ୟାବଳୀ)

କଂଗ୍ରେସ ନେତୃତ୍ୟ ମଧ୍ୟରେ ଚରମ ଓ ନରମପନ୍ଥୀ ମାନଙ୍କର ସ୍ୱରାଜ୍ୟ ପ୍ରତିଷ୍ଠା ଦାବୀରେ କବି ବାଞ୍ଛାନିଧି ଝୁଟା ସ୍ୱରାଜ୍ୟର ସାର୍ଥକତାରେ ସନ୍ଧିଆନ ହୋଇଯାଇଥିଲେ। ତେଣୁ ସେ ଗାଇଥିଲେ –

"କି ହେବ ସେ ସ୍ୱରାଜ୍ୟ ଘେନି ଯେବେ ମୋର ନପୁରେ ପେଟ
ଖଟି ଖଟି ମଲେଣି ମୂଲିଆ ଚାଷୀ ଚଷି ଦାନା କନା ନିଅଣ୍ଟ"

ସ୍ୱାଧିନତା ସଂଗ୍ରାମ ସମୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ସଂଗ୍ରାମର ଭୂମିକା ଆଦର୍ଶ ଜାତୀୟତାଭାବେ ଓ ଦେଶ ଗଠନର ଚିନ୍ତାଧାରା କବି ବାଞ୍ଛାନିଧିଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା, ନିର୍ଭିକ ଓ ଚେତନାଶୀଳ ଭାବେ ମତପ୍ରଦାନ କରିବାକୁ ସ୍ନ ୧୯୨୮ ମସିହାରେ କଲିକତା ମଇଦାନରେ ସୁଭାଷ ବୋଷଙ୍କର ଅପୂର୍ବ ଜାତୀୟତା ଭାବ ପ୍ରଦର୍ଶନ ସାରା ଭାରତରେ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ଏକ ଅଭିନବ ବହ୍ନି ପ୍ରଜ୍ୱଳିତ କରିଥିଲା ଓ ମହାତ୍ମାଗାନ୍ଧୀ ନେତାଜୀଙ୍କର ଅପୂର୍ବ ଶକ୍ତି ପ୍ରଦର୍ଶନକୁ ସ୍ୱୀକାର କରିଥିଲେ। ଉକ୍ତ ପ୍ରଦର୍ଶନ ସମୟରେ ନେତାଜୀଙ୍କର ଡାକରାରେ କବି ବିଦ୍ରୋହ ହୋଇ ଗାଇଥିଲେ:-

"କହ କହ କେଉଁ ଜାତି ପାଇଛି ମୁକତି
କରି ହୁରି ହାରି ଗୁହାରି
କହ ପାଇଚି କେ ସୁଖ ଲିଭାଇଛି ଦୁଃଖ
ମାଗି ମାଗି ପଥ ଭିକାରି" ***

ସ୍ନ ୧୯୨୧ ମସିହାର ଅସହଯୋଗ ଆନ୍ଦୋଳନ ଠାରୁ ୧୯୩୦ ଲବଣ ସତ୍ୟାଗ୍ରହ ଆନ୍ଦୋଳନ, କନିକା ଅତ୍ୟାଚାରର ଆନ୍ଦୋଳନ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ନିଜର ଜାତୀୟ ପ୍ରତିକ୍ରିୟା ତାଙ୍କର ସମସ୍ତ କବିତା ଓଡ଼ିଆ ଜାତୀୟବାଦୀ ସାହିତ୍ୟର ବିଶିଷ୍ଟ ସମ୍ପଦ ଭାବେ ଗଣ୍ୟ କରାଯାଏ। ସେଥିପାଇଁ ତାଙ୍କର ସ୍ୱଳ୍ପ ଜୀବନ କାଳରେ ଜାତୀୟ ସଂଗୀତ, ଜାତୀୟ କବିତା ମାଧ୍ୟମରେ ନିଜକୁ ସଂଗ୍ରାମରେ ଝାସ ଦେଇ ଦୁଇଥର କାରାବରଣ କରିଥିଲେ। ଏଇ ମାତ୍ର କେତେକ ଦୃଷ୍ଟାନ୍ତ। ବାଞ୍ଛାନିଧି ତାଙ୍କର ସ୍ୱଳ୍ପ ଜୀବନ କାଳରେ ଜାତୀୟ ଆନ୍ଦୋଳନ ମାଧ୍ୟମରେ ତାଙ୍କର କବିତା, ସଙ୍ଗୀତ, ଜାତୀୟ କବି ରୂପେ ଗଢ଼ି ତୋଳିଛି। ତାଙ୍କର ଶେଷ ଜୀବନର ୧୯୩୮ ମସିହା ଅପରେଲ ୧୯ ତାରିଖ ତାଙ୍କ ଭଦ୍ରକ ବାସଭବନରେ ଅବସାନ ଘଟିଥିଲା, ଯେଉଁ ସମୟରେ କି କବି ତାଙ୍କର

ଭଙ୍ଗା କୁଡ଼ିଆରେ ଭଙ୍ଗା ପରାଣରେ
ଭଙ୍ଗା କବିତାକୁ ଯୋଡୁଥିଲି
ମୋର ଭଙ୍ଗା ଜୀବନକୁ କବିତା ଡଙ୍ଗାରେ
ଭସାଇ ନେବାକୁ ଲୋଡୁଥିଲି।

କବିତା ମାନ ରଚନାରେ ବ୍ରତୀ ଥିଲେ। ତାଙ୍କର ଅକାଳ ବିୟୋଗ ସମଗ୍ର ଓଡ଼ିଶାରେ ବିଷାଦର ଛାୟା ଖେଳାଇ ଥିଲା। ମାତ୍ର ତାଙ୍କର କୃତି ଆଜି ବିସ୍ମୃତି ଗର୍ଭରେ। ହେଲେ ସେ ବିଶାଳ ଜନତାକୁ ତାଙ୍କର କବିତା ଡଙ୍ଗାରେ ଭସାଇ ନେଇଥିଲେ।

ଯତୀନ୍ଦ୍ର ମୋହନ ମହାନ୍ତି